# Akashvani, Sambalpur

## SAMBALPURI NEWS EVENING BULLETIN

## 23 March 2025- 7.02 pm- 7.12 pm.

*********************************************

୧- ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସିକରି ନୟାଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍‌ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

୨- ରାଜ୍ୟର୍ ବିଦ୍ୟୁତ୍ ପ୍ରକଳ୍ପମାନ୍‌କର୍ ସମୀକ୍ଷା କଲେ କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର୍ ଲାଲ୍ ଖଟ୍ଟର୍ ।

- ଇ ମାସ ଶେଷ୍‌ତକ୍ ଆନ୍ତଃରାଜ୍ୟ ବିଦ୍ୟୁତ୍ ସରବରାହ ଲାଗି ସବୁଜ ଶକ୍ତି କରିଡ଼ର୍ ଉପ୍‌ରେ ଦେଲେ ଜୋର୍ ।

୩- ଦେଶ୍ ଲାଗି ଶହୀଦ୍ ଭଗତ୍ ସିଂ, ସୁଖ୍‌ଦେବ୍, ରାଜ୍‌ଗୁରୁଙ୍କର୍ ବଳିଦାନ୍‌କେ ସୋର୍ କରିକରି ସାରା ଦେଶେ ପାଲନ୍ କରାଯାଉଛେ ବଳିଦାନ୍ ଦିବସ୍ ।

ଆଉର୍

୪- 'ପାଣିପାଗ୍‌ର ସଠିକ୍ ପୂର୍ବାନୁମାନ୍' କରିକରି ବିପର୍ଯ୍ୟୟକେ ରୁକ୍‌ବାର୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ପାଣିପାଗ୍ ଦିବସ୍ ।

ରାଷ୍ଟ୍ରପତି -ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସ୍‌ବେ । ରାଷ୍ଟ୍ରପତି ନୟାଗଡ଼ ଜିଲ୍ଲା କଂଟିଲୋ ନୀଲମାଧବଙ୍କୁ ଦର୍ଶନ୍ କର୍‌ବାର୍ ଉତ୍‌ରୁ କାଲିଆପଲ୍ଲୀ ଠାନେ ଭାରତୀୟ ବିଶ୍ୱାବସୁ ସମାଜ୍ ପ୍ରତିଷ୍ଠାନ୍‌ର ଥାପ୍‌ନା ଦିବସ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ଫିରିକରି ଶ୍ରୀମତୀ ମୁର୍ମୁ ରାଜ୍‌ଭବନ୍ ନ ରାତି ରହେବେ । ତାର୍‌ଆରଦିନ ବାୟୁସେନାର୍ ବିମାନ୍‌ଥି ରାଷ୍ଟ୍ରପତି ଦିଲ୍ଲୀ ଫିରିଯିବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ -କେନ୍ଦ୍ରମନ୍ତ୍ରୀ ଆଲୋଚନା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଶକ୍ତି, ଗୃହନିର୍ମାଣ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରୀ ମନୋହର୍ ଲାଲ୍ ଖଟ୍ଟର୍ ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ତାଙ୍କର୍ ବିଭାଗ୍‌ର ସମୀକ୍ଷା ବୈଠକ୍ କରିଛନ୍ । ରାଏଜେ ଚାଲିଥିବା ବିଦ୍ୟୁତ୍ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କର୍‌ବାର୍ ସହେତେ ଫ୍ଲାଏ ଆସ୍‌ର ବେଭାର୍ ଉପ୍‌ରେ ପରିବେଶ୍ ଆଉ କୁଇଲା ମନ୍ତ୍ରଣାଳୟ ଆର୍ ରେଲ୍ ମନ୍ତ୍ରଣାଳୟ ସହେତେ ଆଲୋଚନା କରିକରି ପଦକ୍ଷେପ୍ ନିଆଯିବା ବଲି ଶ୍ରୀ

ଖଟ୍ଟର୍ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ଇହାଦେ ୨୦ ଗିଗାୱାଟ୍ ବିଦ୍ୟୁତ୍ କୁଇଲାନୁ ଉତ୍ପାଦନ୍ କରୁଛେ । ଆଏବା ୫ ନୁ ୬ ବଛର୍ ଭିତ୍‌ରେ ରାଜ୍ୟ ଆଉ ୧୦ ଗିଗାୱାଟ୍ ଅଏତ୍‌କା ବିଦ୍ୟୁତ୍ ଉତ୍ପାଦନ୍ କର୍‌ବା ବଲି ବୈଠକ୍‌ଥି ଅଧିକାରୀମାନେ କହିଥିଲେ । ତାପଜ ବିଦ୍ୟୁତ୍‌କେ ବେଭାର୍ କର୍‌ବାର୍ ଲାଗି ଶ୍ରୀ ଖଟ୍ଟର୍ ଜୋର୍ ଦେଇଥିବା ଜନାପଡ଼ିଛେ । ବିଦ୍ୟୁତ୍ ବିତରଣକାରୀ ସଂସ୍ଥା- ଓପିଟିସିଏଲ୍‌ର କାର୍ଯ୍ୟକାରିତା ବାବ୍‌ଦେ ମନ୍ତ୍ରୀ ଶ୍ରୀ ଖଟ୍ଟରଙ୍କୁ ଜନାଯାଇଥିଲା । ଇ ମାସ ଶେଷ୍‌ତକ୍ ଆନ୍ତଃରାଜ୍ୟ ବିଦ୍ୟୁତ୍ ସରାବରାହ ଲାଗି ସବୁଜ ଶକ୍ତି କରିଡ଼ର୍ ଥାପ୍‌ନା କର୍‌ବାର୍ ନେଇକରି ବୈଠକ୍‌ଥି ଆଲୋଚନା ହେଇଥିବା ଜନାପଡ଼ିଛେ ।

ଫିଟ୍ ଇଣ୍ଡିଆ ଏନ୍‌ଏସ୍‌ଡି

ସାଇକଲ୍ ଚଲାବାର୍ ଲାଗି ମାନସିକ ଆର୍ ଶାରୀରିକ ସୁସ୍ଥତା ବଢ଼୍‌ସି ହେଥିର୍‌ଲାଗି ସବୁଦିନିଆ ବ୍ୟାୟାମ୍ ଆଉ ସାଇକଲ୍ ଚଲାବାର୍‌କେ ଜୀବନ୍‌ଶୈଲୀଥି ସାମିଲ୍ କର୍‌ବାର୍‌କେ କେନ୍ଦ୍ର ଯୁବ ବ୍ୟାପାର୍ ଆଉ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ ଆହ୍ୱାନ୍ ଦେଇଛନ୍ । ସାରାଦେଶେ ଫିଟ୍ ଇଣ୍ଡିଆ 'ସଣ୍ଡେଜ୍ ଅନ୍ ସାଇକଲ୍' ଅଭିଯାନ୍‌କେ ଲକ୍ଷ୍ନୌ ଠାନୁ ଆଏଜ୍ ଶ୍ରୀ ମାଣ୍ଡଭିୟ ମୁଲ୍ କରିଛନ୍ । ଇ ଅବ୍‌ସରେ ସେ କହିଛନ୍,

ସାଇକଲ୍ ଚଲାବାର୍‌ଟା ପରିବେଶ୍‌କେ ସୁରକ୍ଷିତ୍ ରଖ୍‌ବାର୍ ଲାଗି ଭିଲ୍ ସାହାଜ୍ କର୍‌ସି । ଡକ୍ଟର୍ ମାଣ୍ଡଭିୟ ନିଜେ ଇ ଅବ୍‌ସରେ ୩ କିଲୋମିଟର୍‌ତକ୍ ସାଇକଲ୍ ଚଲେଇଥିଲେ । କାର୍ଯ୍ୟକ୍ରମ୍‌ଥି ୪ ଶହ ନୁ ଅଏତ୍‌କା ସାଇକିଲିଆ ଭାଗ୍ ନେଇକରି ସୁସ୍ଥ ଆଉ ସକ୍ରିୟ ଜୀବନ୍‌ଶୈଳୀ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ବାର୍ତାକେ ପ୍ରଚାର୍ କରିଥିଲେ ।

ବଳିଦାନ୍ ଦିବସ୍ ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ ସମ୍ବଲପୁର

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖଦେବ୍ ଥାପର୍ ଆର୍ ରାଜ୍‌ଗୁରୁଙ୍କର୍ ଆଏଜ୍ ବଳିଦାନ୍ ଦିବସ୍ । ଇଂରେଜ୍ ସର୍‌କାର୍ ଆଝିର୍ ଦିନେ ୧୯୩୧ ମସିହାଥି ଇ ତିନ୍‌ହି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ଦେଶ୍‌ଲାଗି ସ୍ୱାଧୀନତା ସଂଗ୍ରାମୀ ମାନ୍‌କର୍ ବଳିଦାନ୍‌କେ ସୁର୍‌ତା କରିକରି ଫି' ବଛର୍ ଆଝିର୍ ଦିନ୍‌କେ ସାରା ଦେଶ୍ ଶହୀଦ୍ ଦିବସ୍ ଭାବେ ପାଲନ୍ କରୁଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶହୀଦ୍ ଦିବସ୍ ପାଲନ୍ ଅବ୍‌ସରେ ତିନ୍‌ହି ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଗୁଟେ ଭିଡ଼ିଓ ବାର୍ତାଥି ପ୍ରଧାନ୍‌ମନ୍ତ୍ରୀ ସେମାନ୍‌କର୍ ବଳିଦାନ୍‌କେ ସୁର୍‌ତା କରିଛନ୍ । ସଂଗ୍ରାମୀମାନ୍‌କର୍ ବଳିଦାନ୍ ଆମର୍ ସମ୍‌କର୍ ଲାଗି ପ୍ରେରଣାର୍ ଉତ୍ସ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ବଳିଦାନ୍ ଉତ୍ସବ୍ ଅବ୍ସରେ ଶହୀଦ୍ମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ ଦେଶର୍ ଏକତା ଆଉ ସ୍ୱାଧୀନତା ଲାଗି ଜୀବନ୍ ଦେଇଥିବା ସଂଗ୍ରାମୀ ମାନ୍କୁ ସୋର୍ ପକେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶହୀଦ୍ମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ସେମାନ୍କର୍ ବଳିଦାନ୍ ଆର୍ ମାତୃଭୂମିର୍ ଲାଗି ନିଷ୍ଠା ଆଏବା ପିଢ଼ିକେ ପ୍ରେରଣା ଦେବା ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ୍ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍ନୁ ଆଏବା କାଏଲ୍ ଭୁବ୍ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରାଜସ୍ୱ ମନ୍ତ୍ରୀ- ବର୍ଷା କ୍ଷୟକ୍ଷତି ସମୀକ୍ଷା ଆର୍ଏନ୍ୟୁ/ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀ ପ୍ରଭାବ୍‌ଥି ମୟୁରଭଞ୍ଜ୍ ଜିଲ୍ଲା ନ ହେଇଥିବା କରାମାଡ଼ ଆର୍ ବର୍ଷାର୍ କ୍ଷୟକ୍ଷତିର୍ ଆକଲନ୍ କରିକରି ଆଏବା ୨୪ ଘଂଟା ଭିତ୍‌ରେ ସାହାଜ୍ ଟଙ୍କା ଦିଆଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ବାବ୍‌ଦେ ଆଏଜ୍ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ବୁଲିକରି ଥିତିର୍ ଅନୁଧ୍ୟାନ୍ କରିଛନ୍ ।

ଉଏଲ୍ ରପ୍ତାନୀ -ଶୁଳ୍କ ପ୍ରତ୍ୟାହାର        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଉଏଲ୍ ରପ୍ତାନୀ ଉପ୍‌ରେ ୨୦ ପ୍ରତିଶତ୍ ଶୁଳ୍କ ପ୍ରତ୍ୟାହାର୍ କରିଛନ୍ । ଗଲାକାଏଲ୍ ଇ ବାବ୍‌ଦେ ଗୁଟେ ବିଜ୍ଞପ୍ତି ବାହାରିଛେ । ଆଏବା ମାସ ପହେଲାନୁ ଇଟା ଲାଗୁ ହେବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ଉଏଲ୍‌ର ଅଏତ୍‌କା ଉତ୍ପାଦନ୍ ହେବାର୍‌ନୁ ମଣ୍ଡି ଆଉ ଖୁଚୁରା ମୂଲ୍ୟ କମିଛେ । ଚାଷୀମାନ୍‌କୁ ପାରିଶ୍ରମିକ୍ ଆଉ ଉଚିତ୍ ମୂଲ୍ୟ ଦେବାର୍ ଲାଗି ଆଉ ଉପଭୋକ୍ତାମାନ୍‌କର୍ ଲାଗି ଉଏଲ୍‌କେ ସୁଲଭ ଦର୍‌ଥି ଯୁଗାବାର୍ ଲକ୍ଷ୍ୟଥି ଇ ନିଷ୍ପତି ନିଆଯାଇଛେ ।

ବିଶ୍ୱ ପାଣିପାଗ ଦିବସ        ଆର୍‌ଏନ୍‌ୟୁ/ କଟକ୍

ମୁନୁଷ୍ ସମାଜ୍‌କେ ପାଣିପାଗ୍ ଆଉ ଜଲବାୟୁ ପରିବର୍ତନ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ୧୯୬୧ ମସିହା ଉତ୍‌ରୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ପାଣିପାଗ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ପାଣିପାଗ୍ ଦିବସ୍ ଦିବସ୍‌ର ବାର୍ତା ହେଉଛେ 'ପାଣିପାଗ୍‌ର ସଠିକ୍ ଅନୁମାନ୍ କରିକରି ବିପର୍ଯ୍ୟୟକେ ରୁକ୍‌ବାର୍' । ଭିନ୍ ଭିନ୍ ଦେଶେ ପାଣିପାଗ୍ ଦିବସ୍ ଅବ୍‌ସରେ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବାର୍ ସହେତେ ବୈଜ୍ଞାନିକ୍‌ମାନେ ସେମାନ୍‌କର୍ ବିଚାର୍‌ଧାରାକେ ଉପସ୍ଥାପିତ୍ କର୍‌ସନ୍ । ପୁର୍‌ଥି ନ ପ୍ରାକୃତିକ ବିପର୍ଯ୍ୟୟ ଲାଗି ଧନ୍‌ଜୀବନ୍‌ର କେତ୍‌ନିକେତେ ନୁକ୍‌ସାନ୍ ହେଉଥିବାର୍ ବେଲ୍‌କେ ନୂଆଁ ଜ୍ଞାନ୍‌କୌଶଲ୍ ବେଭାର୍ କରିକରି ପାଣିପାଗ୍‌ର ଆଗ୍‌ତୁରା ସୂଚ୍‌ନା ଇ ଦିଗେ ବହୁତ୍ ସାହାଜ୍ କରୁଛେ ।

ଗଲା ୭୫ ବଛର୍ ଭିତ୍‌ରେ ପୁର୍‌ଥିର୍ ଭିନ୍ ଭିନ୍ ପାଣିପାଗ୍ ସଂସ୍ଥା ସାଧାରଣ୍ ଲୋକ୍, ସର୍‌କାର୍ ଆର୍ ଭିନ୍ ଭିନ୍ ସଂଗଠନ୍ ଲାଗି ଯୋଗସୂତ୍ରକାରୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସୁଛେ । ସଠିକ୍ ପାଣିପାଗ୍‌ର ଆକଲନ୍ ଆଉ ପୂର୍ବାନୁମାନ୍ ଲାଗି ବହୁତ୍ ଲୁକ୍‌କର୍ ଜୀବନ୍ ବଂଚାଯାଇପାରୁଛେ । ପ୍ରାକ୍ ବିପର୍ଯ୍ୟୟ ମୁକାବିଲା ଦିଗେ ପୁର୍‌ଥିର୍ ବହୁତ୍‌ଟେ ସର୍‌କାର୍ ପାଣିପାଗ୍ ଉପ୍‌ରେ ନିର୍ଭର୍ କରୁଛନ୍ ।

ଇ ଅବ୍‌ସରେ ଭାରତୀୟ ପାଣିପାଗ ବିଭାଗ୍ ତର୍‌ଫୁ ଗଲାକାଏଲ୍ ଗୁଟେ ଖାସ୍ ଆଲୋଚନାଚକ୍ର ହେଇଯାଇଛେ । ଇଥି ପୁଥୀ

ବିଜ୍ଞାନ୍ ମନ୍ତ୍ରଣାଲୟର୍ ସଚିବ ଡକ୍ଟର୍ ଏମ୍. ରବିଚନ୍ଦ୍ରନ୍ ଆର୍ ପାଣିପାଗ୍ ବିଭାଗ୍ ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗ୍‌ଦେଇକରି ପାଣିପାଗ୍ କ୍ଷେତ୍ରଥି ପୁର୍‌ଥି ନ ପ୍ରାକ୍ ସତର୍କତା ବ୍ୟବସ୍ଥାକେ କେନ୍ତା ଆହୁରି ବର୍‌କସ୍ କରାଯାଇପାର୍‌ବା ଆଉ ସାଧାରଣ୍ ଲୁକ୍‌କର୍ ପାଖେ ପୁହୁଁଚାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଥିଲେ ।

ୟୁଜି ନାଁଲେଖା ଆବେଦନ୍ ବଢ଼୍‌ଲା ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଜାତୀୟ ପ୍ରରୀକ୍ଷଣ ସଂସ୍ଥା- ଏନ୍‌ଟିଏ ତର୍‌ଫୁ ସ୍ନାତକ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୟୁଜି -୨୦୨୫ ଲାଗି ଅନ୍‌ଲାଇନ୍ ଆବେଦନ୍ ଫର୍ମ ଦାଖଲ୍ ସମିଆକେ ଆଏବାକାଏଲ୍‌ତକ୍ ବଢ଼ାଯାଇଛେ । ଏନ୍‌ଟିଏ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ ପରୀକ୍ଷାର୍ ଦେୟ ଦାଖଲ୍ କର୍‌ବାର୍ ସମିଆକେ ଭିଲ୍ ମାର୍ଚ୍ଚ ୨୫ ତାରିଖ୍‌ତକ୍ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୬ ନୁ ୨୮ ତାରିଖ୍ ଭିତ୍‌ରେ ଆବେଦନ୍‌ପତ୍ରଥି ଦର୍‌କାରୀ ସଂଶୋଧନ୍ କରିପାର୍‌ବେ ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ ।

ୟୁପିଆଇ ସେବା ବନ୍ଦ୍ ଆର୍‌ଏନ୍‌ୟୁ/ କଟକ୍

ଆର୍ଥିକ୍ ଠକେଇକେ ରୁକ୍‌ବାର୍ ଲାଗି ୟୁନିଫାଏଡ୍ ପେମେଂଟ୍ ଇଂଟର୍‌ଫେସ୍- ୟୁପିଆଇ ସେବାର କେତେଟା ନିୟମ୍‌ଥି ପରିବର୍ତ୍ତନ୍ କରାଯାଇଛେ । ବହୁତ୍ ସମିଆ ଧରିକରି ନାଇଁ ବେଭାର୍ କରୁଥିବା ଉପଭୋକ୍ତାମାନ୍‌କର୍ ବେଙ୍କ୍ ଖାତା ଲିଙ୍କ୍ ମୋବାଇଲ୍ ନମ୍ବର୍ ଆଏବା ମାସ ପହେଲାନୁ ୟୁପିଆଇ ସେବାନୁ ବଂଚିତ୍ ହେବେ । ଇ ବାବ୍‌ଦେ ଆଏବା ୩୧ ତାରିଖ୍‌ତକ୍ ଡାଟାବେସ୍ ଅପ୍‌ଡେଟ୍ କର୍‌ବାର୍ ଲାଗି ସେହି ବେଙ୍କ୍ ଆଉ ପେମେଂଟ୍ ସେବା ପ୍ରଦାନ୍‌କାରୀ ସଂସ୍ଥାକେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଡିଆଇପିଆର୍‌ଓ

ଓଡ଼ିଶା ଦକ୍ଷତା ବିକାଶ୍ ପ୍ରାଧିକରଣ୍ ତର୍‌ଫୁ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ୍ କାର୍ଯ୍ୟାଳୟର ମିଳିତ୍ ସହଯୋଗ୍‌ଥି ଆଏବା ୨୫ ତାରିଖ୍ ଧନ୍‌କଉଡ଼ାଠାନେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା  ହେବା । ଇ ନିଯୁକ୍ତି ମେଳାଥି ଜିଲ୍ଲାର୍ ସବୁ ବ୍ଲକ୍ ଆର୍ ସହରାଂଚଲ୍‌ର ୫ କ୍ଲାସ୍‌ନୁ ଯୁକ୍ତ ୩ ତକ୍ ଆଇଟିଆଇ, ଡିପ୍ଲୋମା ପାସ୍ ୧୮ ନୁ ୩୫ ବଛର୍ ବୟସର୍ ଯୁଆନ୍ ପିଲା ଟୁକେଲ୍ ଭାଗ୍ ନେଇପାର୍‌ବେ । ଇଚ୍ଛୁକ ପ୍ରାର୍ଥୀମାନେ ସେମାନ୍‌କର୍ ଶିକ୍ଷାଗତ ଯୋଗ୍ୟତାର୍ ପ୍ରମାଣ୍‌ପତ୍ର ଆଧାର୍‌କାର୍ଡ଼ ଆଉ

ପାସ୍‌ପୋର୍ଟ ଫଟୋ ସହେତେ ନିଯୁକ୍ତି ମେଳାର ଧାରିଜ୍ ସମିଆ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେ ଭିତ୍‌ରେ ଯୋଗ୍ ଦେଇକରି ନିଯୁକ୍ତି ଆଉ ଦକ୍ଷତା ବିକାଶ୍ ତାଲିମ୍‌ର ଲାଭ୍ ଉଠାବାର୍ ଲାଗି କୁହାଯାଇଛେ ।

ଜଗନ୍ନାଥ୍ ମହୋତ୍ସବ୍      ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍‌ର ସ୍ୱର୍ଣ୍ଣପ୍ରୟାଗ୍ ରାମେଶ୍ୱର୍ ଠାନେ ଚାଲିଥିବା ଜଗନ୍ନାଥ୍ ମହୋତ୍ସବ୍ ନ ଆଏଜ୍ ଜବର୍ ଭିଡ୍ ଦେଖ୍‌ବାର୍‌କେ ମିଲିଛେ । ଶ୍ରୀଜଗନ୍ନାଥଙ୍କର୍ ୩୨ ବେଶ, ପଂଚକୁଣ୍ଡୀୟ ଯଜ୍ଞ ସହେତେ ୨୪ ପ୍ରହରୀ ନାମ୍‌ଯଜ୍ଞ ଦେଖ୍‌ବାର୍ ଲାଗି ହଜାର୍ ହଜାର୍ ଶ୍ରଦ୍ଧାଳୁ ମହୋତ୍ସବ୍ ସ୍ଥଲୀ ନ ପୁହୁଁଚିଛନ୍ । ସ୍ୱତନ୍ତ୍ର ୩୨ ବେଶ ଆଗାଡ଼େ ଫି' ଦିନ ୩୨ ଝନ୍ ଦମ୍ପତି ବିଷ୍ଣୁ ସହସ୍ରନାମ୍ ପଢୁଛନ୍ । ଇତାର୍‌ସହେତେ ମହୋତ୍ସବ୍ ପଡ଼ିଆ ନ ମୀନାବଜାର୍‌କେ ଭିଲ୍ ଲୋକ୍‌ମାନେ ବୁଲି ଦେଖୁଛନ୍ ।

କରାମାଡ଼      ନୂଆପଡ଼ା/ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଗଲାକାଏଲ୍ ଆର୍ ଆଏଜ୍ କାଲ୍‌ବୈଶାଖୀ ପ୍ରଭାବ୍‌ଥି କରାମାଡ଼୍ ଆର୍ ବର୍ଷା ହେଇଛେ । ଇଥିର୍‌ଲାଗି ଗଲାକିଛି ଦିନ୍ ହେଲା ରାଜ୍ୟର୍ ସବୁନୁ ଜହ ତାପମାତ୍ରା ରହୁଥିବା

ବୌଦ୍ଧ ନ ତାତି ଟିକେ କମିଛେ । ସେଆଡ଼େ କରାମାଡ଼୍‌ଥି ଗାଡ଼ିମଟର୍, ଆଜ୍‌ବେଷ୍ଟସ୍ ଘର୍ ନୁକ୍‌ସାନ୍ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ସେନ୍ତା ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ନ କରାମାଡ଼୍ ଲାଗି ବ୍ୟାପକ୍ କ୍ଷୟକ୍ଷତି ହେଇଛେ । ଇତାର୍‌ସହେତେ ସୁନାବେଡ଼ା ଗାଁ ନ ସବୁ ଘରର୍ ଖପ୍‌ରା ଭାଙ୍ଗି ଯାଇଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ । ପ୍ରାକୃତିକ୍ ବିପର୍ଯ୍ୟୟ ଲାଗି ହେଇଥିବା କ୍ଷୟକ୍ଷତିର୍ ଆକଲନ୍ କର୍‌ବାର୍ ଲାଗି ରାଜସ୍ୱ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଥିବାର୍ ସୂଚ୍‌ନା ମିଲିଛେ ।

ପାରା ଏଥ୍‌ଲେଟିକ୍ସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ନ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଏଥ୍‌ଲେଟିକ୍ସ‌ଥି ମହିଳା ଏଫ୍. ୫୫ ଜେଭ୍‌ଲିନ୍‌ଥି ଓଡ଼ିଶାର୍ ସୁଚିତ୍ରା ପରିଡ଼ାଙ୍କୁ ସ୍ୱର୍ଣ୍ଣପଦକ୍ ମିଲିଛେ । ସୁଚିତ୍ରା ୧୮ ଦଶ୍‌ମିକ୍ ୫/୭ ମିଟର୍ ଦୂର୍‌କେ ଜେଭ୍‌ଲିନ୍ ଫିଙ୍କିକରି ଇ ସଫଲତା ପାଇଛନ୍ । ଇତାର୍ ଆଘୋନୁ ଓଡ଼ିଶାର୍ ଜୟନ୍ତୀ ବେହେରା ଶହେ ମିଟର୍ ଟି-୪୭ ବର୍ଗଥି ସ୍ୱର୍ଣ୍ଣପଦକ୍ ପାଇଥିବାର୍ ବେଲ୍‌କେ, ମହିଳା ଶହେ ମିଟର୍ ଟି-୧୨ ବର୍ଗଥି ଜାନ୍‌କୀ ଓରାମ୍ ରୌପ୍ୟ ପଦକ୍ ପାଇଛନ୍ । ୩ ଟା ପଦକ୍ ସହେତେ ରାଜ୍ୟ ୧୩ ନମ୍ବର୍ ଠାନେ ରହିଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀ ପ୍ରଭାବ୍‌ଥି ଆଏବା କାଏଲ୍ ସଖାଲ୍‌ତକ୍ ରାଜ୍ୟର୍ କେତେଟା ଜାଗାନ ଧୁକାଗର୍ଦ୍ଦି ସାଙ୍ଗେ ବର୍ଷାର୍ ସମ୍ଭାବନା ରହିଛେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚ୍‌ନା ଦେଇଛେ । ଆଏବା ୪/୫ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୪ ନୁ ୬ ଡିଗ୍ରୀତକ୍ ବଢ଼୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।